ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

# ଜିଲ୍ଲା ପ୍ରକଳ୍ପ ସଂଯୋଜକ ଙ୍କ କାର୍ଯ୍ୟାଳୟ, ନୂଆପଡ଼ା

ସଂଖ୍ୟା ୯୪୦ // ତାରିଖ ୨୪.୩.୧୮//

**କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, (ନୂଆପଡ଼ା ଜିଲ୍ଲା) ମାନଙ୍କରେ ୨୦୧୮-୨୦୧୯ ଶିକ୍ଷା ବର୍ଷ ପାଇଁ ନାମ ଲେଖା ବିଜ୍ଞାପନ**

ଏତଦ୍ୱାରା ଜନସାଧରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୂଆପଡ଼ା ଜିଲ୍ଲାରେ ଥିବା ପାଞ୍ଚ (୦୫) ଗୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ରେ ତଫସିଲଭୁକ୍ତ ଜାତି/ ତଫସିଲଭୁକ୍ତ ଜନଜାତି/ ସଂଖ୍ୟା ଲଘୁ ସଂପ୍ରଦାୟ/ ପଛୁଆ ବର୍ଗ/ ସାଧାରଣ ବର୍ଗ ର ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବାଳିକା ଏବଂ ସାମାଜିକ/ ଅର୍ଥନୈତିକ/ ଭୌଗୋଳିକ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ସକାଶେ ଅଧାରୁ ପାଠ ଛାଡ଼ିଥିବା ବାଳିକା, ଦୀର୍ଘଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ଥିବା ବାଳିକା, ବିଦ୍ୟାଳୟ ରେ ଆଦୌ ନାମ ଲେଖାଇ ନଥିବା ୧୦ ବର୍ଷ ବୟସ ରୁ ଅଧିକ ଥିବା ବାଳିକା ମାନଙ୍କ ପାଇଁ ନାମ ଲେଖା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଅଛି ।

ଉପରୋକ୍ତ ଶ୍ରେଣୀ ଅନ୍ତର୍ଭୁକ୍ତ, ଭିନ୍ନକ୍ଷମ, ଅନାଥ, ପିତା ବା ମାତା ନ ଥିବା ବାଳିକା, ଶିଶୁ ଚାଲାଣ (ବାଳିକା ), ଚାଲାଣ ମହିଳାଙ୍କ କନ୍ୟା ସନ୍ତାନ, ଦାଦନ ଖଟିବାକୁ ଯାଉଥିବା ପିତା ମାତାଙ୍କ ଝିଅ/ ବାଳିକା, ଶିଶୁ ଶ୍ରମିକ (ବାଳିକା), ରାସ୍ତା କଡ଼ରେ ବୁଲୁଥିବା ଝିଅ/ ଜରି ଗୋଟାଳି/ AIDS ସଂକ୍ରମିତ ପିତାମାତାଙ୍କ ଝିଅ ମାନଙ୍କ ପାଇଁ ନାମ ଲେଖାଇବାର ସୁଯୋଗ ରହିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ, ଷଷ୍ଠ ଶ୍ରେଣୀ ରେ ଖାଲିଥିବା ସ୍ଥାନ ସଂଖ୍ୟା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ଚୂଡ଼ାନ୍ତ ନାମଲେଖା ତାଲିକା ପ୍ରସ୍ତୁତ କରି ନାମ ଲେଖାଇବାପାଇଁ ତାରିଖ ନିର୍ଦ୍ଧାରଣ କରିବେ ଏବଂ ସମସ୍ତ ନାମଲେଖା ପ୍ରକ୍ରିୟା ତା. ୧୦.୦୪.୨୦୧୮ ରିଖ ସୁଦ୍ଧା ଶେଷ କରିବେ । ଏଥି ନିମନ୍ତେ କୌଣସି ପରୀକ୍ଷା କରାଯିବ ନାହିଁ । ଏଠି ସୂଚନା ଯୋଗ୍ୟ ଯେ ଏହି ଆବାସିକ ବିଦ୍ୟାଳୟ ମାନଙ୍କରେ ମାଗଣାରେ ରହିବା, ଖାଇବା ଓ ପଢ଼ିବା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ରହିଛି ।

ଯଦି ଉପରୋକ୍ତ କୌଣସି ପ୍ରକାର ବାଳିକା ଆପଣଙ୍କର ଗୋଚରରେ ଅଛନ୍ତି ତେବେ ଆପଣ ତୁରନ୍ତ ସମ୍ପୃକ୍ତ ବିଦ୍ୟାଳୟ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବ ଶିକ୍ଷା ଅଭିଯାନ, ନୂଆପଡ଼ାଙ୍କ କାର୍ଯ୍ୟାଳୟ ଟେଲିଫୋନ ନମ୍ବର ୦୬୭୮-୨୨୨୨୫ ରେ ଯୋଗାଯୋଗ କରି ଝିଅ/ ବାଳିକା ମାନଙ୍କୁ ଏହି ସୁବିଧା ଓ ସୁଯୋଗ ନେବାରେ ସାହାଯ୍ୟ କରନ୍ତୁ । ଏହି ମହତ ସାମାଜିକ ଓ ରାଷ୍ଟ୍ରୀୟ କାର୍ଯ୍ୟ ରେ ସହଯୋଗ କରି ଅନଗ୍ରସର ବାଳିକା ମାନଙ୍କୁ ପାଠ ପଢ଼େଇବାର ସୁଯୋଗ ସୃଷ୍ଟି କରିବାରେ ନିଜକୁ ସାମିଲ କରନ୍ତୁ । ଅଧିକ ସୂଚନା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରପାରିବେ ।

| କ୍ରମିକ ସଂଖ୍ୟା | ବ୍ଲକ ର ନାମ | କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ର ନାମ | ଷଷ୍ଠ ଶ୍ରେଣୀ ରେ ନାମଲେଖା ପାଇଁ ଖାଲି ଥିବା ସ୍ଥାନ ସଂଖ୍ୟା | ସମ୍ପୃକ୍ତ ବିଦ୍ୟାଳୟ ର ଯୋଗାଯୋଗ ଟେଲିଫୋନ ନମ୍ବର |
|---|---|---|---|---|
| ୧ | ବୋଡେନ | ବୋଇରଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ | ୪୦ | ୭୦୭୭୮୫୦୧୫୫, ୭୮୯୪୭୭୪୧୯୨ |
| ୨ | ଖରିଆର | ଲାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ | ୩୬ | ୯୭୭୭୬୬୨୫୬୯, ୯୯୩୭୧୭୨୮୧୮ |
| ୩ | କୋମନା | କୋମନା ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ | ୩୦ | ୯୯୩୭୮୬୮୧୬୬, ୯୧୭୮୩୪୮୯୮୪ |
| ୪ | ନୂଆପଡା | ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ, ନୂଆପଡ଼ା | ୨୮ | ୯୪୩୮୪୩୨୧୧୮, ୯୫୫୬୩୯୩୯୦୭ |
| ୫ | ସିନାପାଲି | ସିନାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ | ୪୦ | ୯୫୫୬୦୧୪୨୦୦, ୯୧୭୮୨୪୯୬୨୩ |

ଜିଲ୍ଲାପାଳ ତଥା ଅଧକ୍ଷ୍ୟା
ସର୍ବ ଶିକ୍ଷା ଅଭିଯାନ, ନୂଆପଡ଼ା